ODISHA POLICE
STATE HEADQUARTERS
CUTTACK.

# ପ୍ରେସ୍ ନୋଟ୍

**ତା୧୭.୦୨.୨୦୨୨**

ବରିଷ୍ଠ ହକି ଖେଳାଳୀ ବୀରେନ୍ଦ୍ର ଲାକ୍ରା ଆଜି ଓଡ଼ିଶା ପୋଲିସ୍‌ର ଡିଏସ୍‌ପି ପଦରେ ଯୋଗ ଦେଇଛନ୍ତି । ଟୋକିଓଠାରେ ଅନୁଷ୍ଠିତ ହୋଇଥିବା ଅଲମ୍ପିକ୍ସ ହକିରେ ଭାରତ ବ୍ରୋଞ୍ଜ ପଦକ ଜିତିଥିବା ବେଳେ ଟିମ୍‌ର ଅନ୍ୟତମ ମୁଖ୍ୟ ସଦସ୍ୟ ଭାବେ ବୀରେନ୍ଦ୍ର ଦେଶ ତଥା ରାଜ୍ୟ ପାଇଁ ଖ୍ୟାତି ଆଣିଥିଲେ। ପରେ ରାଜ୍ୟ ସରକାର ତାଙ୍କୁ ଅର୍ଥ ପୁରସ୍କାର ସହ ପୋଲିସ୍ ଡିଏସ୍‌ପି ଭାବେ ନିଯୁକ୍ତି ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସେହି ଅନୁଯାୟୀ, ଆଜି ବିଧିବଦ୍ଧ ଭାବେ ବୀରେନ୍ଦ୍ରଙ୍କୁ ପୋଲିସ୍ ଡିଏସ୍‌ପି ଭାବେ ନିଯୁକ୍ତି ଦିଆଯାଇଛି। ଆଜି ଅପରାହ୍ଣରେ ବୀରେନ୍ଦ୍ର ରାଜ୍ୟ ପୋଲିସ୍ ମୁଖ୍ୟାଳୟକୁ ଆସି ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଶ୍ରୀ ସୁନୀଲ କୁମାର ବଂସଲଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ। ଡିଜିପି ଶ୍ରୀ ବଂସଲ ତାଙ୍କୁ ଶୁଭେଚ୍ଛା ଏବଂ ଅଭିନନ୍ଦନ ଜଣାଇଥିଲେ। ଏହି ଅବସରରେ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଇନ୍ ଏବଂ ଶୃଙ୍ଖଳା) ଶ୍ରୀ ଆର୍.କେ. ଶର୍ମା, ଆଇ.ଜି(ପୋର୍ସନେଲ୍) ଶ୍ରୀ ଏସ୍. ପ୍ରବୀଣ କୁମାର ପ୍ରମୁଖ ଉପସ୍ଥିତ ଥିଲେ।

Jayanta
17/2/22

PRO, SP Hdqrs.